# NATIONAL NEWS BULLETIN (ODIA)
## 1 May - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ସମ୍ବିଧାନର ପବିତ୍ରତା ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ପ୍ରତିବଦ୍ଧ– କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ନିର୍ବାଚନ ଫଳାଫଳ ଘୋଷଣାର ୪୫ ଦିନ ପର୍ଯ୍ୟନ୍ତ ମତଦାନ ଚିହ୍ନ ସଂରକ୍ଷଣ ୟୁନିଟ୍‌କୁ ସୁରକ୍ଷିତ ରଖିବାକୁ ପ୍ରକ୍ରିୟା ଆରମ୍ଭ ।
- ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଜାଣିବା ଲାଗି ୧୮ଟି ବିଦେଶୀ ରାଜନୈତିକ ଦଳର ଭାରତ ଗସ୍ତ ।
- ଓଡ଼ିଶା ସମେତ ଚାରୋଟି ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ସତର୍କତା ଜାରି ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ସନ୍ଧ୍ୟାରେ ଚେନ୍ନାଇ ସୁପରକିଙ୍ଗ୍‌ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମୁକାବିଲା ।

# ଗୁଜୁରାଟ-ପିଏମ୍ ର୍ୟାଲୀ

ପ୍ରଧାନମନ୍ତ୍ରୀ ତଥା ବିଜେପି ନେତା ନରେନ୍ଦ୍ର ମୋଦୀ ସମ୍ବିଧାନର ପବିତ୍ରତା ବଜାୟ ରଖିବା ପାଇଁ ତାଙ୍କ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଆଜି ଗୁଜୁରାଟର ବନାସକଣ୍ଠାର ଦିସାଠାରେ ଆୟୋଜିତ ଏକ ରାଜନୈତିକ ରାଲିରେ ଯୋଗଦେଇ ଶ୍ରୀ ମୋଦୀ କହିଛନ୍ତି, ତାଙ୍କ ନେତୃତ୍ୱରେ ସମ୍ବିଧାନରେ ଥିବା ଏସ୍‌ସି, ଏସ୍‌ଟି ଏବଂ ଓବିସି ସମ୍ପ୍ରଦାୟର ସଂରକ୍ଷଣ ଅଧିକାର ସୁରକ୍ଷିତ ରହିବ।

ବିକଶିତ ଭାରତର ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଥିଲେ, ତାଙ୍କ ସରକାର କ୍ଷମତାକୁ ଆସିଲେ ଭାରତକୁ ବିଶ୍ୱର ଶ୍ରେଷ୍ଠ ତିନୋଟି ଅର୍ଥନୀତି ମଧ୍ୟରେ ସ୍ଥାନିତ କରିବ। ଭୋଟ୍ ତୁଷ୍ଟିକରଣ ଓ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ସେ କଂଗ୍ରେସ ଦଳକୁ ସମାଲୋଚନା ମଧ୍ୟ କରିଥିଲେ।

ଶ୍ରୀ ମୋଦୀ ବିକଶିତ ଗୁଜରାଟ ମାଧ୍ୟମରେ ବିକଶିତ ଭାରତ ଗଠନ ପାଇଁ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ବନାସକଣ୍ଠା ଭଳି ଶୁଷ୍କ ଅଞ୍ଚଳରେ ବିକାଶ ନିମନ୍ତେ ତାଙ୍କ ସରକାର ଆରମ୍ଭ କରିଥିବା ଅନେକ ପଦକ୍ଷେପ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ।

# ଇସି-ସିମ୍ବଲ ଲୋଡିଂ ୟୁନିଟ୍

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରି ସିମ୍ବଲ ଲୋଡିଂ ୟୁନିଟ୍‌ର ପରିଚାଳନା ଓ ସଂରକ୍ଷଣ ପାଇଁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ନାମା ଜାରି କରିଛନ୍ତି। ଏସ.ଏଲ.ୟୁ.ଗୁଡ଼ିକର ପରିଚାଳନା ଏବଂ ସଂରକ୍ଷଣ ପାଇଁ ନୂତନ ପ୍ରୋଟୋକଲ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ବ୍ୟବସ୍ଥା କରିବାକୁ ଆୟୋଗ ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ସପ୍ତାହରେ ସୁପ୍ରିମକୋର୍ଟ ନିର୍ବାଚନ ଫଳାଫଳ ଘୋଷଣାର ୪୫ ଦିନ ପର୍ଯ୍ୟନ୍ତ ମତଦାନ ହୋଇଥିବା ପ୍ରାର୍ଥୀଙ୍କ ଚିହ୍ନ ଲୋଡିଂ ୟୁନିଟକୁ ସିଲ୍ କରି ସୁରକ୍ଷିତ ରଖିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ନିର୍ବାଚନ ଆୟୋଗ କହିଛନ୍ତି, ଉଭୟ ବ୍ୟବହୃତ ଏବଂ ସଂରକ୍ଷିତ ଏସ୍.ଏଲ.ୟୁ କୁ ଗୋଲାପି ରଙ୍ଗର କାଗଜରେ ସିଲ୍ କରାଯିବ ଯାହା ଦ୍ୱାରା କାଗଜ ସିଲ୍ ନ ଭାଙ୍ଗି କଣ୍ଟେନର୍ ଖୋଲାଯାଇ ପାରିବ ନାହିଁ। ଏଥିରେ କୁହାଯାଇଛି, ପ୍ରାର୍ଥୀ କିମ୍ବା ସେମାନଙ୍କ ପ୍ରତିନିଧିଙ୍କୁ ଏସ.ଏଲ୍.ୟୁ.କଣ୍ଟେନରରେ ଲାଗିଥିବା ସିଲ୍‌ରେ ଦସ୍ତଖତ କରିବାକୁ ଅନୁମତି ଦିଆଯିବ। ଏସ୍.ଏଲ୍.ୟୁ କଣ୍ଟେନରକୁ ସିଲ୍ କରିବା ପରେ ଏହାକୁ କାର୍ଯ୍ୟକ୍ଷମ ହେବାର ୨୪ ଘଣ୍ଟା ମଧ୍ୟରେ ସଂପୃକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଜମା କରାଯିବ ବୋଲି ନିର୍ବାଚନ କମିଶନ

କହିଛନ୍ତି। ଏଥିରେ କୁହାଯାଇଛି ଏହି କଣ୍ଟେନରଗୁଡ଼ିକୁ ଏକ ଅଲଗା ଷ୍ଟ୍ରଙ୍ଗରୁମ୍‌ରେ ରଖାଯିବା ଉଚିତ୍।

## ଇଲେକସନ୍-ଫରେନ୍ ପାର୍ଟି

ବିଜେପିର ନିମନ୍ତ୍ରଣକ୍ରମେ ୧୦ଟି ଦେଶର ୧୮ଟି ରାଜନୈତିକ ଦଳର ପ୍ରତିନିଧି ଭାରତ ଗସ୍ତରେ ଆସିଛନ୍ତି । ଏହି ଟିମ୍ ଆଜି ବିଜେପି ଅଧ୍ୟକ୍ଷ ଜେ.ପି ନଡ୍ଡା, ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଓ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିନିଧି ଦଳରେ ଅଷ୍ଟ୍ରେଲିଆ, ଭିଏତନାମ, ବାଂଲାଦେଶ, ଇସ୍ରାଏଲ, ଉଗାଣ୍ଡା, ତାଞ୍ଜାନିଆ, ରୁଷିଆ, ଶ୍ରୀଲଙ୍କା, ମରିସସ୍ ଏବଂ ନେପାଳର ପ୍ରତିନିଧିମାନେ ଅଛନ୍ତି। ଏହି ବିଦେଶୀ ରାଜନୈତିକ ଦଳଗୁଡ଼ିକୁ ସାମଗ୍ରିକ ନିର୍ବାଚନ ପ୍ରକ୍ରିୟା ଏବଂ ବିଜେପିର ନିର୍ବାଚନ ପ୍ରଚାର ରଣନୀତି ବିଷୟରେ ଅବଗତ କରାଯିବ।

## ପାଣିପାଗ

ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଓଡ଼ିଶା ଓ ବିହାରରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଶୁକ୍ରବାର ପର୍ଯ୍ୟନ୍ତ ଭାରତର ଦକ୍ଷିଣାଞ୍ଚଳରେ ସମାନ ସ୍ଥିତି ଲାଗି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ମହାରାଷ୍ଟ୍ର,

ରାୟଲସୀମା, ଗୁଜରାଟ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଏବଂ ରବିବାର ପର୍ଯ୍ୟନ୍ତ କେନ୍ଦ୍ରୀୟ ଭାରତରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଉପକୂଳ କର୍ଣ୍ଣାଟକ, କେରଳ ଓ ମାହେରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗରମ ଅନୁଭୂତ ହେବ। ଶୁକ୍ରବାର ସୁଦ୍ଧା ଗାଙ୍ଗେୟ ପଶ୍ଚିମବଙ୍ଗ, ପୂର୍ବ ଝାଡ଼ଖଣ୍ଡ, ଉତ୍ତର ଓଡ଼ିଶା ଓ ରାୟଲସୀମାରେ ସର୍ବୋଚ୍ଚ ତାପମାତ୍ରା ୪୪ରୁ ୪୭ ଡିଗ୍ରୀ ମଧ୍ୟରେ ରହିବା ନେଇ ପୂର୍ବାନୁମାନ କରାଯାଇଛି।

ଆଜି ଓଡ଼ିଶାର ୧୫ଟି ସହରରେ ଦିନ ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ଓ ୨୮ଟି ସହରରେ ୪୦ ଡିଗ୍ରୀରୁ ଅଧିକ ରହିଥିଲା। ତାଳଚେରରେ ସର୍ବାଧିକ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ରେକର୍ଡକ କରାଯାଇଛି। ତେବେ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ କାଳବୈଶାଖୀ ଯୋଗୁଁ ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଜି ସନ୍ଧ୍ୟାରେ ଚେନ୍ନାଇର ଏମ୍.ଏ ଚିଦାମ୍ବରମ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ। ବର୍ତ୍ତମାନ ସି.ଏସ୍.କେ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ଥିବା ବେଳେ ପଞ୍ଜାବ  କିଙ୍ଗ୍ସ ଅଷ୍ଟମ ସ୍ଥାନରେ ରହିଛି। ଆସନ୍ତାକାଲି ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ

ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମୁହାଁମୁହିଁ ହେବେ । ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରୁ ଆରମ୍ଭ ହେବ ।

## ସଲମାନ୍-ଗୁଳିକାଣ୍ଡ

ବଲିଉଡ୍ ଅଭିନେତା ସଲମାନ ଖାନଙ୍କ ବାସଭବନ ବାହାରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଗିରଫ ଦୁଇ ଅସ୍ତ୍ରଶସ୍ତ୍ର ଯୋଗାଣକାରୀଙ୍କ ମଧ୍ୟରୁ ଜଣେ ପୁଲିସ ହେପାଜତରେ ଆଜି ଆତ୍ମହତ୍ୟା କରିଛି । ଅଭିଯୁକ୍ତ ଅନୁଜ ଥାପନ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ପୁଲିସ ଲକ୍ ଅପ୍‌ର ବାଥରୁମ୍‌ରେ ଆତ୍ମହତ୍ୟା ଉଦ୍ୟମ କରିଥିଲା । ତାଙ୍କୁ ତୁରନ୍ତ ଜିଟି ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା ।

ଏପ୍ରିଲ ୨୬ତାରିଖରେ ମୁମ୍ବାଇ ପୁଲିସ କ୍ରାଇମବ୍ରାଞ୍ଚ ଟିମ୍ ଥାପନଙ୍କୁ ପଞ୍ଜାବରୁ ଗିରଫ କରିଥିଲା । ଏପ୍ରିଲ ୧୪ ରେ ସଲମାନ ଖାନଙ୍କ ବାସଭବନ ବାହାରେ ଗୁଳି ଚଳାଇଥିବା ଅନ୍ୟ ଦୁଇ ଜଣଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଣରେ ସେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା । ଥାପନଙ୍କ ସହ ମୁମ୍ବାଇ ପୁଲିସ ସାଗର ପାଲ ଓ ଭିକି ଗୁପ୍ତାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା । ଗୁଳିମାଡ଼ରେ ବ୍ୟବହୃତ ମୋଟର ସାଇକେଲରେ ଏହି ତିନି ଜଣ ଯାଉଥିଲେ । ଅନ୍ୟ ଜଣେ ଅଭିଯୁକ୍ତ ସୋନୁ ବିଷ୍ଣୋଇ ଅସୁସ୍ଥ ଥିବା ବେଳେ ଏବେ ସେ ବିଚାର ବିଭାଗୀୟ ହାଜତରେ ଅଛନ୍ତି ।

# ଚାଇନା ହାଇୱେ କୋଲାପ୍ସ

ଦକ୍ଷିଣ ଚୀନର ଗୁଆଙ୍ଗଡୋଙ୍ଗ୍ ପ୍ରଦେଶରେ ଆଜି ପ୍ରବଳ ବର୍ଷା ଯୋଗୁଁ ଏକ ରାଜପଥ ଭୁଶୁଡ଼ି ପଡ଼ିବାରୁ ୨୪ ଜଣଙ୍କର ମୃତ୍ୟୁ ଘଟିଛି। ସେଠାକାର ସରକାରୀ ସମ୍ବାଦ ସଂସ୍ଥାର ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୨ଟା ୧୦ ମିନିଟ୍‌ରେ ଗୁଆଙ୍ଗଡୋଙ୍ଗ ପ୍ରଦେଶର ମେଇଝାଉ ସହର ଏବଂ ଡାବୁ କାଉଣ୍ଟି ମଧ୍ୟରେ ଏକ ରାସ୍ତା ଭୁଶୁଡ଼ି ପଡ଼ିଥିଲା। ଏହି ଦୁର୍ଘଟଣାରେ ୨୦ଟି ଗାଡ଼ି ଫଶି ଯାଇଥିବା ବେଳେ ସମୁଦାୟ ୫୪ ଜଣ ଆହତ ହୋଇଛନ୍ତି।

ଜନବହୁଳ ଶିଳ୍ପାନୁଷ୍ଠାନ ଗୁଆଙ୍ଗଡଙ୍ଗରେ ଗତ କିଛି ସପ୍ତାହ ହେବ ବର୍ଷା ହେବାରୁ କେତେକ ଅଞ୍ଚଳରେ ଭୟଙ୍କର ବନ୍ୟା ଓ ଭୂସ୍ଖଳନ ହୋଇଛି। ବର୍ଷ ସାରା ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବାରୁ ସେଠାରେ ଜଳବାୟୁ ପରିବର୍ତ୍ତନ ହୋଇଛି। କିଛିଦିନ ପୂର୍ବେ ସେହି ପ୍ରଦେଶରେ ବ୍ୟାପକ ବନ୍ୟା ଯୋଗୁଁ  ୧ ଲକ୍ଷ ୧୦ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା।  ଆଜିର ଘଟଣାରେ ଉଦ୍ଧାର କାର୍ଯ୍ୟରେ ସହାୟତା ଲାଗି ୫୦୦ ଲୋକଙ୍କୁ ଘଟଣାସ୍ଥଳକୁ ପଠାଯାଇଥିବା ଜଣାପଡ଼ିଛି।

# ପଦ୍ମ ଆୱାର୍ଡ ନୋମିନେସନ୍

୨୦୨୫ ବର୍ଷ ପାଇଁ ପଦ୍ମ ପୁରସ୍କାର ନିମନ୍ତେ ଆଜିଠାରୁ ଅନଲାଇନ୍ ନାମାଙ୍କନ ଓ  ସୁପାରିସ ଆରମ୍ଭ ହୋଇଛି। ପଦ୍ମ ପୁରସ୍କାର ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ଚଳିତ ବର୍ଷ ସେପ୍ଟେମ୍ବର ୧୫ ରହିଛି। ଏଥିପାଇଁ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ-awards.gov.inରେ ଅନଲାଇନରେ ଆବେଦନ ଗ୍ରହଣ କରାଯିବ।

ପଦ୍ମବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ଭଳି ପଦ୍ମ ପୁରସ୍କାର ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ମଧ୍ୟରୁ ଅନ୍ୟତମ। ୧୯୫୪ ମସିହାରେ ସ୍ଥାପିତ ଏହି ପୁରସ୍କାର ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଏ। କଳା, ସାହିତ୍ୟ ଓ ଶିକ୍ଷା, କ୍ରୀଡ଼ା, ଔଷଧ, ସାମାଜିକ କାର୍ଯ୍ୟ, ବିଜ୍ଞାନ ଓ ଇଞ୍ଜିନିୟରିଂ, ଲୋକ ବ୍ୟାପାର, ପ୍ରଶାସନିକ ସେବା, ବାଣିଜ୍ୟ ଓ ଉଦ୍ୟୋଗ ଇତ୍ୟାଦି ସମସ୍ତ ବିଭାଗରେ ଉଲ୍ଲେଖନୀୟ ସଫଳତା ଓ ସେବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ତେବେ ଡାକ୍ତର ଓ ବୈଜ୍ଞାନିକଙ୍କ ବ୍ୟତୀତ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀମାନେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

## ଏନ୍ଆଇଏ-ଆରେଷ୍ଟ

ଅଟାରୀ ଡ୍ରଗ୍ସ ମାମଲାରେ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନଆଇଏ) ଆଜି ଆଉ ଜଣଙ୍କୁ ଗିରଫ କରିଛି । ମୋଟ ଗିରଫ ସଂଖ୍ୟା ୮କୁ ବୃଦ୍ଧି ପାଇଛି । ଏନ.ଆଇ.ଏ ଟିମ୍ ଦିଲ୍ଲୀର ଦରିଆ ଗଞ୍ଜ ଅଞ୍ଚଳରେ ଚଢ଼ାଉ କରି ଆପତ୍ତିଜନକ କାଗଜପତ୍ର ଜବତ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିଛି । ନିଶା ଦ୍ରବ୍ୟରୁ ମିଳିଥିବା ଅର୍ଥକୁ ହାୱାଲା ନେଟୱର୍କ ଜରିଆରେ ବିଦେଶକୁ ସ୍ଥାନାନ୍ତର କରିବାରେ ଅଭିଯୁକ୍ତଙ୍କ ଭୂମିକା ରହିଥିବା ଜଣାପଡ଼ିଛି । ଏହି ମାମଲାରେ ୨୦୨୨ରେ ଭାରତୀୟ ସୀମା ଶୁଳ୍କ ବିଭାଗ ଦ୍ୱାରା ୭୦୦ କୋଟି ଟଙ୍କା ମୂଲ୍ୟର ୧୦୨ କିଲୋଗ୍ରାମରୁ ଅଧିକ ହେରୋଇନ୍ ଜବତ କରାଯାଇଥିଲା ।

## କଂଗ୍ରେସ-ଆଲିଗେସନ୍

ଗତ ୧୦ ବର୍ଷ ମଧ୍ୟରେ ଦେଶରେ ମଜୁରି ହାର ବୃଦ୍ଧି କରାଯାଇ ନାହିଁ ବୋଲି କଂଗ୍ରେସ ଆଜି ଅଭିଯୋଗ କରିଛି । ଦଳର ବରିଷ୍ଠ ନେତା ଜୟରାମ ରମେଶ ନୂଆଦିଲ୍ଲୀରେ ଗଣମାଧ୍ୟମକୁ କହିଛନ୍ତି, ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ପ୍ରକୃତ ମଜୁରି ହାର ହ୍ରାସ ପାଇଛି । ସେ କହିଛନ୍ତି, ମନମୋହନ ସିଂ ସରକାରରେ ୨୦୦୪ରୁ ୨୦୧୪ ମଧ୍ୟରେ କୃଷି

ଶ୍ରମିକଙ୍କ ପ୍ରକୃତ ମଜୁରି ହାର ପ୍ରତିବର୍ଷ ୬ ଦଶମିକ ୮ ପ୍ରତିଶତ ବୃଦ୍ଧି କରାଯାଇଥିଲା ।

## ବାୟୁସେନା ଅଧିକାରୀ

ଏୟାର ମାର୍ଶାଲ ନାଗେଶ କପୁର ଆଜି ଏୟାର ଅଫିସର କମାଣ୍ଡିଂ ଇନ୍ ଚିଫ୍ ଟ୍ରେନିଂ କମାଣ୍ଡ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୧୯୮୬, ଡିସେମ୍ବର ୬ରେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ । ଜଣେ ଯୋଗ୍ୟ ଫ୍ଲାଇଂ ଇନଷ୍ଟ୍ରକ୍ଟର ଏବଂ ଫାଇଟର କମ୍ବାଟ୍ ଲିଡର ଭାବରେ ତାଙ୍କର ୩ ହଜାର ୪୦୦ ଘଣ୍ଟାରୁ ଅଧିକ ଉଡ଼ାଣ ଅଭିଜ୍ଞତା ରହିଛି । ଏୟାର ମାର୍ଶାଲ ନାଗେଶ କପୁରଙ୍କୁ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ୨୦୦୮ରେ ବାୟୁ ସେନା ପଦକ ଏବଂ ୨୦୨୨ରେ ଅତି ବିଶିଷ୍ଟ ସେବା ପଦକ ପ୍ରଦାନ କରାଯାଇଛି।

## ଶ୍ରୀଲଙ୍କା ଲେବର ଡେ’

ଶ୍ରୀଲଙ୍କାରେ ଆଜି ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଉଛି ଏବଂ କାର୍ଯ୍ୟ ନିରାପତ୍ତା ଏବଂ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଅନ୍ତର୍ଜାତୀୟ ଶ୍ରମିକ ସମୁଦାୟ ପ୍ରତି ଏକତା ପ୍ରଦର୍ଶନ କରିବା ପାଇଁ ସମଗ୍ର ଦ୍ୱୀପରେ ରାଲି ଏବଂ ଉତ୍ସବ ଆୟୋଜନ

କରାଯାଇଛି । କଲମ୍ବୋରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୪୦ଟି ଇଭେଣ୍ଟ ପ୍ରଦର୍ଶିତ ହୋଇଥିଲା ।

ଏହି ଅବସରରେ ରାଷ୍ଟ୍ରପତି ରାନିଲ ବିକ୍ରମସିଂହେ ସମସ୍ତ ରାଜନୈତିକ ଦଳକୁ ଏକାଠି ହୋଇ ଦେଶର ଭବିଷ୍ୟତ ପାଇଁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ ।

## ଜାମ୍ମୁ-ଭୂସ୍ଖଳନ

ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଗତ ଦୁଇ ଦିନ ଧରି ବନ୍ଦ ଥିବା ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥକୁ ଆଜି ଉଭୟ ପାର୍ଶ୍ୱରେ ହାଲୁକା ମୋଟର ଯାନ ପାଇଁ ଖୋଲାଯାଇଛି । ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି, ରାସ୍ତା ସଫା କରିବା ଏବଂ ପ୍ରଶସ୍ତୀକରଣ କାର୍ଯ୍ୟ ଏବେ ବି ଚାଲିଛି । ରାଜପଥ ଖୋଲିବା ଫଳରେ ପର୍ଯ୍ୟଟକଙ୍କ ସମେତ ବହୁ ସଂଖ୍ୟକ ଲୋକଙ୍କୁ ଆଶ୍ୱସ୍ତି ମିଳିଛି । ଗତ ଦୁଇ ଦିନ ଧରି ସେମାନେ ଜମ୍ମୁ ଓ ଶ୍ରୀନଗରରେ ଅଟକି ରହିଥିଲେ ।

ରବିବାରରୁ ସୋମବାର ମଧ୍ୟରାତ୍ରି ମଧ୍ୟରେ ନାଶରୀ ଓ ବନିହାଲ ଟନେଲ ମଧ୍ୟରେ ପ୍ରାୟ ଏକ ଡଜନ ସ୍ଥାନରେ ଭୂସ୍ଖଳନ ଘଟିବାରୁ ଜାତୀୟ ରାଜପଥକୁ ବନ୍ଦ କରିବାକୁ ପଡ଼ିଥିଲା ।

# ଏଜୁକେସନ୍- ଆଲାଉନ୍ସ

କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ମିଳୁଥିବା ଶିକ୍ଷା ଓ ହଷ୍ଟେଲ ଭତ୍ତା ବୃଦ୍ଧି କରାଯାଇଛି। ଚଳିତ ବର୍ଷ ଜାନୁଆରୀରେ ମହଙ୍ଗା ଭତ୍ତା ୫୦ ପ୍ରତିଶତ ଛୁଇଁବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୧୮ ମସିହାର କାର୍ମିକ, ଲୋକ ଅଭିଯୋଗ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ନିୟମ ଅନୁଯାୟୀ ଯେତେବେଳେ ବି ମହଙ୍ଗା ଭତ୍ତା ପଚାଶ ପ୍ରତିଶତ ବୃଦ୍ଧି ପାଇବ, ଭତ୍ତା ଏବଂ ରିହାତି ମଧ୍ୟ ୨୫ ପ୍ରତିଶତ ବୃଦ୍ଧି ପାଇବ । ଏହି ନିଷ୍ପତ୍ତି ଅନୁଯାୟୀ ଶିକ୍ଷା ଭତ୍ତା ଉପରେ ମାସିକ ୨ ହଜାର ୮୧୨ ଟଙ୍କା ଏବଂ ହଷ୍ଟେଲ ଭତ୍ତା ଉପରେ ମାସିକ ୮ ହଜାର ୪୩୭ ଟଙ୍କା ସବ୍‌ସିଡି ଧାର୍ଯ୍ୟ କରାଯାଇଛି। ଭିନ୍ନକ୍ଷମ ପିଲାଙ୍କ ପାଇଁ ଶିକ୍ଷା ଭତ୍ତା ରାଶି ୫ ହଜାର ୬୨୫ ଟଙ୍କା ହେବ ବୋଲି ଜଣାପଡ଼ିଛି।